# ODM PUBLIC SCHOOL

**SESSION :04**
**CLASS :3**
**SUBJECT : ODIA**
**CHAPTER NUMBER: 05**
**CHAPTER NAME : କ୍ରିକେଟ ଖେଳ**
**SUBTOPIC :ଅଭ୍ୟାସ -୪ ଓ ୧୧(ଶବ୍ଦାବଳୀ ଓ ବନାନ )**

CHANGING YOUR TOMORROW

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ ଓ ପଠନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP

# କ୍ରିକେଟ ଖେଳ






ODM
EDUCATIONAL GROUP
Changing your Tomorrow

# କ୍ରିକେଟ୍ ଖେଳ

ଖରାଦିନ ସରିଆସୁଥାଏ । ବର୍ଷା ନ ଥାଏ । ଅସହ୍ୟ ଗରମ । ପର୍ବତ ପାଖ ପଡ଼ିଆରେ ବିଲୁଆ ଓ ଠେକୁଆ ବସିଥିଲେ । କ୍ରିକେଟ୍ ଖେଳ ଉପରେ ଆଲୋଚନା କରୁଥିଲେ । ବିଲୁଆ କହିଲା, ଠେକୁଆଭାଇ ଆମେ ଟିକେ କ୍ରିକେଟ୍ ଖେଳ ଖେଳିବା ନାହିଁ ! ଠେକୁଆ ତା' କଥାରେ ହଁ ଭରିଲା ।

ODM EDUCATIONAL GROUP



ଖେଳ ପୂର୍ବରୁ ସଭାଟିଏ ବସିବ । ଗାତରେ ରହୁଥିବା ମୂଷା ଓ ସାପକୁ ବିଲୁଆ ଖବର ଦେଲା । ପଥରଖୋଲ ଭିତରେ ରହୁଥିବା ବାଘ ଓ ଭାଲୁଙ୍କୁ ବି ଡକାଗଲା । ଗଛକୋରଡ଼ରେ ରହୁଥିବା ଶାଗୁଣା, ପେଚା, କାଠହଣା ଆଦି



ପଶୁପକ୍ଷୀଙ୍କୁ ମାଙ୍କଡ଼ ଖବର ଦେଲା । ପାଣିରେ ଥିବା ଜୀବ ବେଙ୍ଗ, କଇଁଛ, ମଗର ଓ ଚିଙ୍ଗୁଡ଼ିଙ୍କୁ କଙ୍କଡ଼ା ଖବର ଦେଲା ।

ସଭା ବସିଲା । ଖେଳ ଦିନ ଠିକ୍ ହେଲା । ବିଲୁଆ ଗୋଟାଏ ଦଳର କ୍ୟାପ୍‌ଟେନ୍, ଅନ୍ୟଦଳର କ୍ୟାପ୍‌ଟେନ୍ ଠେକୁଆ । ଖାଇବାପାଇଁ ବିସ୍କୁଟ୍ ଓ ସର୍ବତର ଯୋଜନା ହେଲା । ଭାଲୁ କହିଲା, ବିଜୟୀ ଦଳକୁ କ'ଣ ପୁରସ୍କାର ଦେବା ? ହାତୀ କହିଲା, ଦର୍ପଣ ଦେବା ।



ଘରଚଟିଆ ସର୍ବତ ତିଆରି କରିବା ପାଇଁ କହିଲା । ଭାଲୁ, ବିସ୍କୁଟ୍ ଓ ଦର୍ପଣ କିଣିବାର ଦାୟିତ୍ୱ ନେଲା । ମୂଷା ବ୍ୟାଟ୍ ତିଆରି କଲା । ତାକୁ କାଠହଣା ଚଢ଼େଇ ସାହାଯ୍ୟ କଲା । ବଣି ବଲ୍‌ଟିଏ ଆଣିଲା । ଦୁଇଦଳ ଜୋର୍‌ସୋର୍‌ରେ ଖେଳ ଅଭ୍ୟାସ କଲେ । ପ୍ରତିଦିନ ବ୍ୟାୟାମ କଲେ । ଖେଳଦିନ ସକାଳୁ ଭାଲୁ ସ୍କୁଟର ଧରି ବିସ୍କୁଟ୍ ଓ ଦର୍ପଣ ଆଣିବାକୁ ଗଲା ।



ଠେକୁଆଦଳ ବୋଲିଂ କଲେ । ବିଲୁଆଦଳ ବ୍ୟାଟିଂ କଲେ । ଅନ୍ୟମାନେ ଖେଳ ଦେଖିଲେ । ପ୍ରଥମ ବଲ୍‌ରେ ବିଲୁଆଦଳର ଜଣେ ଆଉଟ୍ ହେଲା । ଠେକୁଆଦଳ ଓ



ODM EDUCATIONAL GROUP

ଅନ୍ୟମାନେ ଖୁସିରେ ତାଳି ମାରିଲେ । ବାଦ୍ୟ ବଜାଇଲେ । ଆଉ ଗୋଟିଏ ବଲ୍‌ରେ ବିଲୁଆଦଳରୁ ଜଣେ ଛକା ମାରିଲା । ବଲ୍‌ଟି ଯାଇ ଗାତରେ ପଡ଼ିଲା । ସାପ ଗାତ ଭିତରୁ ବଲ୍ ଆଣିଲା । ଖେଳ ସରିଆସୁଥାଏ । ଭାଲୁର ଦେଖା ନ ଥାଏ । ଘରଚଟିଆ ତାକୁ ଖୋଜିବାକୁ ଗଲା ।

ଠେକୁଆଦଳ ଛଅ ଉ୍ୱିକେଟରେ ଖେଳ ଜିତିଲେ । ଖୁସିରେ ଗୀତ ଗାଇଲେ । ବାଦ୍ୟ ବଜାଇଲେ । ତା'ପରେ ଅନ୍ୟମାନେ ନିଜ ନିଜ ଘରକୁ ଫେରିଗଲେ ।

# ଅଭ୍ୟାସ -୪ଠିକ ଜାଗାରେ ରେଫ ( ), ଯ ଫଳା( ୍ୟ )ଓ ସ୍କ ଯୁକ୍ତାକ୍ଷର ଲଗାଇ ଶବ୍ଦ ଗଢ ।

| ସଂ ___ ର |
|---|
| ଖବ |
| ବିସଜନ |
| କାଯ |
| ସୈନ |
| ସତ – |
| ନମ __ର |
| ଗବ - |

ସଂସ୍କାର

ଖର୍ବ

ବିସର୍ଜନ

କାର୍ଯ୍ୟ

ସୈନ୍ୟ

ସତ୍ୟ

ନମସ୍କାର

ଗର୍ବ

# ଅଭ୍ୟାସ -୧ ୧ ଚିତ୍ର ଦେଖ୍ ନାମ ଲେଖ|

ସ୍କୁଟର





ବିସ୍କୁଟ

ସୂର୍ଯ୍ୟ





ଧାନକେଣ୍ଡା

ODM EDUCATIONAL GROUP

# ଅଭ୍ୟାସ -୧ ୧ ଚିତ୍ର ଦେଖ୍ ନାମ ଲେଖ|



ସୈନିକ



ପର୍ବତ

ବର୍ଷା



# ଶବ୍ଦ ଗୁଡିକୁ ଠିକ୍ ଉଚ୍ଚାରଣ କରି ପଢ |

ପର୍ବତ
ବର୍ଷା
ଗର୍ବ
ଖର୍ବ
ପର୍ବ
ପୂର୍ବ
ସମର୍ପଣ
ବିସର୍ଜନ
ସମର୍ଥ
ସମର୍ଥନ
ସର୍ବତ
ସର୍ବ
ସର୍ବାଙ୍ଗୀନ
ଦୂର୍ଗା

ସାହାଯ୍ୟ
ସଦ୍ୟ
ସଦସ୍ୟ
ସମସ୍ୟା
ସତ୍ୟ
ଧୈର୍ଯ୍ୟ
ଆଶ୍ଚର୍ଯ୍ୟ
ମନ୍ତବ୍ୟ
ଶିଷ୍ୟ
ମିଥ୍ୟା
କାର୍ଯ୍ୟ
କଦର୍ଯ୍ୟ
ଯୋଗ୍ୟ
ସନ୍ଧ୍ୟା

ସ୍କୁଟର
ସ୍କନ୍ଦ
ସ୍କନ୍ଧ
ତସ୍କର
ସ୍କାଉଟ
ପୁରସ୍କାର
ତିରସ୍କାର
ସ୍କୁଲ
ଭାସ୍କର
ଅୟସ୍କାନ୍ତ
ନମସ୍କାର
ମନସ୍କାମନା

ODM EDUCATIONAL GROUP

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ  ମନେରଖ |



ODM
EDUCATIONAL GROUP

## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ତଥା ଶବ୍ଦାବଳୀ ଜ୍ଞାନ ର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP